# NATIONAL NEWS BULLETIN (ODIA)

**18 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀରର ୨୪ଟି ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟରେ ଆଜି ସକାଳ ୭ଟାରୁ ଆରମ୍ଭ ହୋଇଛି ମତଦାନ

– ଦିନ ଗୋଟାଏ ସୁଦ୍ଧା ଭୋଟ୍‌ଦାନ ହାର ୪୭ ଦଶମିକ ୧/୭ ପ୍ରତିଶତ

- ଆସନ୍ତା ୨୧ରୁ  ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ତୃଣମୂଳସ୍ତରରୁ ଖେଳାଳିଙ୍କ ପ୍ରତିଭାକୁ ଚିହ୍ନଟ କରିବା ଲାଗି ଉପଯୁକ୍ତ ପ୍ରଶିକ୍ଷଣ ସହ ଭିତ୍ତିଭୂମିରେ ଉନ୍ନତି ଆଣିବା ଦିଗରେ ସରକାର ଅଙ୍ଗୀକାରବଦ୍ଧ, କହିଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

ଏବଂ

- ରେଳବାଇରେ ଜମି ବଦଳରେ ଚାକିରି ଦେବାରେ ଆର୍ଥିକ ଅନିୟମିତତା ସଂକ୍ରାନ୍ତ ମାମଲାରେ ଦିଲ୍ଲୀର ଏକ କୋର୍ଟ ଲାଲୁଙ୍କ ପରିବାରକୁ ସମନ ଜାରି କରିଛି ।

---

## ଜେକେ-ଇଲେକ୍ସନ

ଜାମ୍ମୁ କାଶ୍ମୀରର ୭ଟି ଜିଲ୍ଲାର ୨୪ଟି ବିଧାନସଭା ଆସନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଛି । ଦିନ ଗୋଟାଏ ସୁଦ୍ଧା ୪୭ ଦଶମିକ ୧/୭ ପ୍ରତିଶତ ମତଦାନ

ହୋଇଥିବା ପ୍ରାରମ୍ଭିକ ତଥ୍ୟ ମିଳିଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟରମାନେ ବୁଥ୍ ସମ୍ମୁଖରେ ଧାଡ଼ିରେ ଛିଡ଼ା ହୋଇ ମତଦାନ କରୁଥିବା ଲକ୍ଷ୍ୟ କରାଯାଇଛି । ଅଦ୍ୟାବଧି କାଶ୍ମୀର ଉପତ୍ୟକାର ସୋପିଆନ୍ ଅଞ୍ଚଳର ୧୬ଟି ନିର୍ବାଚନ କ୍ଷେତ୍ରରେ ମତଦାନ ହାର ଅଧିକ ରହିଛି । ଭୋଟ୍ ଗ୍ରହଣରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ ଆଜି ୨୩ଲକ୍ଷ ୨୭ହଜାର ୫୮୦ ଜଣ ଭୋଟର ୨୧୯ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେଥିମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ୯୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୨୦୧୯ ଅଗଷ୍ଟ ମାସରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜାମ୍ମୁ କାଶ୍ମୀରରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୫ ତାରିଖରେ ହେବାକୁ ଥିବାବେଳେ ଆସନ୍ତା ମାସ ପହିଲାରେ ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଆସନ୍ତା ମାସ ୮ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ମିଳିଛି ।

---

## ପ୍ରଧାନମନ୍ତ୍ରୀ-ୟୁଏସ୍ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ୨୧ ତାରିଖ ଦିନ ଡେଲାୱେରେର ୱିଲ୍ମିଙ୍ଗ୍‌ଟନ୍ ଠାରେ ଆୟୋଜିତ ହେବାକୁ ଥିବା ଚତୁର୍ଥ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗଦେବେ । ଚଳିତ ଶିଖର ସମ୍ମିଳନୀର ଆୟୋଜକ

ଆମେରିକାର ଅନୁରୋଧ କ୍ରମେ ଆସନ୍ତାବର୍ଷ ଭାରତ ପରବର୍ତ୍ତୀ କ୍ୱାଡ୍ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ସମ୍ମିଳନୀ ଅବସରରେ ଗତବର୍ଷ କ୍ୱାଡ୍ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଦେଶଗୁଡ଼ିକର ବିକାଶର ଲକ୍ଷ୍ୟ ପୂରଣ କରିବା ନେଇ ଆସନ୍ତା ଶିଖର ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ପ୍ରସ୍ତୁତ କରାଯିବ ।

୨୩ ତାରିଖରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ସଭା 'ସମିଟ୍ ଅଫ୍ ଦି ଫିଉଚର୍'କୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, 'ଉତ୍ତମ ଭବିଷ୍ୟତ ପାଇଁ ବହୁପକ୍ଷୀୟ ସମାଧାନ' । ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ବୈଠକରେ ଆଲୋଚନା କରିବେ । ନ୍ୟୁୟର୍କରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ବିଭିନ୍ନ ଅତ୍ୟାଧୁନିକ କ୍ଷେତ୍ରରେ ଭାରତ ଏବଂ ଆମେରିକା ସହଯୋଗକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସେଠାକାର ଅଗ୍ରଣୀ କମ୍ପାନୀ ଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

........................................................................

# ମାଣ୍ଡବ୍ୟ–ନାଡା

ତୃଣମୂଳସ୍ତରରୁ ଖେଳାଳିଙ୍କ ପ୍ରତିଭାକୁ ଚିହ୍ନଟ କରିବା ଲାଗି ଉପଯୁକ୍ତ ପ୍ରଶିକ୍ଷଣ  ସହ ଭିତ୍ତିଭୂମିରେ ଉନ୍ନତି ଆଣିବା ଦିଗରେ ସରକାର ଅଙ୍ଗୀକାରବଦ୍ଧ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ଯେକୌଣସି ସ୍ତରରୁ ଆସିଥିଲେ ମଧ୍ୟ ସଂପୃକ୍ତ ଖେଳାଳିଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ । ସେମାନେ ଦେଶର ସଫଳତା କ୍ଷେତ୍ରରେ ପ୍ରମୁଖ ଯୋଗଦାନ ଦେଇପାରିବେ ବୋଲି ଆଜି ନୂଆଦିଲ୍ଲୀଠାରେ ନ୍ୟାଶନାଲ୍ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି -ନାଡା ପକ୍ଷରୁ ଆୟୋଜିତ **ଅନ୍ତର୍ଭୁକ୍ତିକରଣ ସମ୍ମିଳନୀ**ରେ ଉଦ୍‌ବୋଧନ ଦେଇ ଡକ୍ଟର ମାଣ୍ଡବ୍ୟ ଏହା କହିଛନ୍ତି ।

ଡୋପିଙ୍ଗ୍ ନିରୋଧୀ ବିଷୟବସ୍ତୁକୁ ସୁବ୍ୟବସ୍ଥିତ କରିବା ସହ ଦିବ୍ୟାଙ୍ଗ ଖେଳାଳିଙ୍କୁ ଡୋପିଙ୍ଗ୍ ନିରୋଧୀ ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ନାଡା କାର୍ଯ୍ୟ କରୁଛି । ଇତିମଧ୍ୟରେ ଡୋପିଙ୍ଗ୍ ନିରୋଧୀ ସଂସ୍ଥା ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଖେଲୋ ଇଣ୍ଡିଆ ପାରାଗେମ୍ସ, ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ, ଅଲ୍ ଇଣ୍ଡିଆ ସ୍ପୋର୍ଟସ୍ କାଉନ୍‌ସିଲ୍ ଫର ଡିଫ୍ ଆଦି ସଂସ୍ଥାକୁ ସୁଦୃଢ଼ କରିବା ଲାଗି ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଦିବ୍ୟାଙ୍ଗ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ସହ  ଭିତ୍ତିଭୂମି ସୁଦୃଢ଼ କରିବା ସକାଶେ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ସରକାର ପାଖାପାଖି ୨୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି ।

## ଲାଲୁପ୍ରସାଦ ଯାଦବ

ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ, ତାଙ୍କ ପୁତ୍ର ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ଅନ୍ୟମାନେ ଜମି ବଦଳରେ ଚାକିରି ଦେବାରେ ଆର୍ଥିକ ଅନିୟମିତତା ସଂକ୍ରାନ୍ତ ମାମଲାରେ ଦିଲ୍ଲୀର ଏକ କୋର୍ଟ ଏମାନଙ୍କୁ ଆଜି ସମନ ଜାରି କରିଛନ୍ତି । ଏଥିସହିତ ଦିଲ୍ଲୀର ରାଉଜ୍ ଏଭିନ୍ୟୁ କୋର୍ଟ ଲାଲୁଙ୍କ ବଡ଼ପୁଅ ତେଜପ୍ରତାପ ଯାଦବଙ୍କୁ ମଧ୍ୟ ସମନ ଜାରି କରିଛନ୍ତି । ଆସନ୍ତା ଅକ୍ଟୋବର ୭ ତାରିଖରେ କୋର୍ଟରେ ହାଜର ହେବା ଲାଗି ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍‌ନେ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗପତ୍ର ଆସିବା ପରେ ବିଚାରପତି ଏହି ଆଦେଶ ଦେଇଛନ୍ତି । ଏ ସମ୍ବନ୍ଧୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି କୋର୍ଟଙ୍କୁ ଅଗଷ୍ଟ ୬ ତାରିଖରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଥିଲେ । ଇଡିର କହିବା ଅନୁଯାୟୀ ୨୦୦୪ରୁ ୨୦୦୯ ମଧ୍ୟରେ ଲାଲୁପ୍ରସାଦ ଯାଦବ ରେଳମନ୍ତ୍ରୀ ଥିବା ବେଳେ  ରେଳବାଇର ପଶ୍ଚିମ କେନ୍ଦ୍ରୀୟ ଜୋନ୍‌ରେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ବେଳେ ବ୍ୟାପକ ହେରଫେର ହୋଇଥିଲା । ଏହି ଜମି ବଦଳରେ ଚାକିରି ପାଇବା ନେଇ ହୋଇଥିବା ବ୍ୟାପକ ଦୁର୍ନୀତିରେ ଆର୍‌ଜେଡି ମୁଖ୍ୟଙ୍କ ପରିବାର ଏବଂ ସହଯୋଗୀମାନଙ୍କ ନାମ ଉଠିଥିଲା ।

---

## ହରିଆଣା-ନିର୍ବାଚନ

ହରିଆଣାର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୧ହଜାର ୩୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ । ଗତ ସୋମବାର ଦିନ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ପରେ  ନିର୍ବାଚନ ଲଢ଼ିବାକୁ ଥିବା ପ୍ରାର୍ଥୀଙ୍କର ତାଲିକା ଚୂଡ଼ାନ୍ତ ହୋଇଛି । ହରିଆଣା ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ

ଅଗ୍ରୱାଲ୍ କହିଛନ୍ତି, ରଣାଙ୍ଗନରେ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ୧୦୧ ଜଣ ମହିଳା ଅଛନ୍ତି । ୪୬୨ ଜଣ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ମାସ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସେଠାରେ ମତଗ୍ରହଣ କରାଯିବ । ଅକ୍ଟୋବର ୮ରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

## ମୋଦୀ-୧୦୦

କେନ୍ଦ୍ରରେ ମୋଦୀ ସରକାର ତୃତୀୟଥର ପାଇଁ କ୍ଷମତାକୁ ଆସିବାର ୧୦୦ ଦିନ ପୂରଣ କରିଛନ୍ତି । ଏହି ଅବଧି ମଧ୍ୟରେ ସରକାର ପାରମ୍ପରିକ ଢ଼ାଞ୍ଚା, ଚାଷୀ, ମଧ୍ୟମବର୍ଗ, ମହିଳା ଏବଂ ଯୁବବର୍ଗଙ୍କ ଉପରେ ଦୃଷ୍ଟିଆକର୍ଷଣ କରିବା ସହିତ ୧୫ ଲକ୍ଷ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ସରକାରଙ୍କ ଦ୍ୱାରା ଯୋଗାଯୋଗ ଓ ସଂଯୋଗୀକରଣ ସହ ବିକାଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକଳ୍ପକୁ ସ୍ୱୀକୃତି ଦେଇଛନ୍ତି । ଏଥି ସହିତ ସମଗ୍ର ଦେଶରେ ପାରମ୍ପରିକ ଢ଼ାଞ୍ଚାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି ।

## ଏକ୍ ପେଡ୍ ମା' କେ ନାମ୍

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅନ୍ତର୍ଗତ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୭ ହଜାର ଚାରା ରୋପଣ କରାଯାଇଛି । ମନ୍ତ୍ରଣାଳୟ ସହର ଏବଂ ଗ୍ରାମାଞ୍ଚଳମାନଙ୍କରେ ନିଜସ୍ୱ କ୍ଷେତ୍ରୀୟ କାର୍ଯ୍ୟାଳୟର ସହଯୋଗରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପ୍ରକୃତିର ସୁରକ୍ଷା ଦିଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବା ସକାଶେ ଏହି ଅଭିଯାନରେ ଗତ ଅଗଷ୍ଟରେ ସାମିଲ ହୋଇଛି । ମନ୍ତ୍ରଣାଳୟ କହିଛି ଯେ ସେପ୍ଟେମ୍ବର ୧୭ ତାରିଖଠାରୁ ଆସନ୍ତା ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ପକ୍ଷ ଅବସରରେ ଚାରାରୋପଣ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି ।

---

## ସ୍ୱଚ୍ଛତା ସେବା ଅଭିଯାନ

ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୪' ସମଗ୍ର ଦେଶରେ ଜାରି ରହିଛି । ଏହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱଚ୍ଛତା ହିଁ ସେବା ଅଭିଯାନର ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ କରାଯାଇଛି ।

ଏହି ଉପଲକ୍ଷେ ଆଜି ଆକାଶବାଣୀ କଟକ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ, ସଫେଇ କାର୍ଯ୍ୟ କରାଯିବା ସହ ସମ୍ବାଦ ବିଭାଗର କର୍ମଚାରୀମାନେ ସ୍ୱଚ୍ଛତା ହିଁ ସେବା ଅଭିଯାନ ସଂକ୍ରାନ୍ତ ଶପଥପାଠ କରିଛନ୍ତି ।

---